# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 06th June - 2026

************************************

*Desk*

## ଚାଉଳ ମିଲିଂ ଦର ବୃଦ୍ଧି

ରାଜ୍ୟ ସରକାର ଉଷୁନା ଚାଉଳର ମିଲିଂ ଦର କୁଇଣ୍ଟାଲ୍ ପିଛା ୨୦ ଟଙ୍କା ବୃଦ୍ଧି କରିଥିବାବେଳେ ଅରୁଆଚାଉଳର ମିଲିଂ ଦର ୧୦ ଟଙ୍କା ବୃଦ୍ଧି କରିଛନ୍ତି । ଚାଷୀମାନଙ୍କଠାରୁ ଧାନ ସଂଗ୍ରହ ସୁରୁଖୁରୁରେ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତି ନେଇଛନ୍ତି । ପୂର୍ବରୁ ଉଷୁନା ଚାଉଳର କୁଇଣ୍ଟାଲ୍ ପିଛା ମିଲିଂ ଦର ୨୦ ଟଙ୍କା ଥିବାବେଳେ ଏବେ ଏହା ୪୦ ଟଙ୍କାକୁ ବୃଦ୍ଧି ପାଇଛି । ଅରୁଆ ଚାଉଳ ମିଲିଂ ଦର ୧୦ ଟଙ୍କାରୁ ବୃଦ୍ଧି ପାଇ ୨୦ ଟଙ୍କା ହୋଇଛି ।

*Puri/R*

## ବ୍ରିକ୍ସ ସମ୍ମିଳନୀ

ପୁରୀଠାରେ ଚାଲିଥିବା ତିନିଦିନିଆ ବ୍ରିକ୍ସ ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ଗତକାଲି ବ୍ରିକ୍ସ ରାଷ୍ଟ୍ରସମୂହର ପ୍ରତିନିଧିମାନେ ଓଡ଼ିଶା ରାଜ୍ୟ ଜଳ ଦକ୍ଷତା ଓ ଜୀବନରକ୍ଷା ଅନୁଷ୍ଠାନ ପରିଦର୍ଶନ କରିଛନ୍ତି । ପ୍ରତିନିଧିମାନେ ଜଳ

ଉଦ୍ଧାର ପ୍ରସ୍ତୁତି ଓ ପ୍ରଦର୍ଶନୀ ଦେଖିବା ସହ ସ୍ୱେଚ୍ଛାସେବୀମାନଙ୍କ ଦକ୍ଷତା ପ୍ରଦର୍ଶନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।

***Desk***

## ଡାକ୍ତରୀ ଆସନ ବୃଦ୍ଧି

ରାଜ୍ୟରେ ଅତିରିକ୍ତ ୬ଟି ସ୍ନାତକୋତ୍ତର ଡାକ୍ତରୀ ଆସନ ନିମନ୍ତେ ସ୍ୱୀକୃତି ମିଳିଛି । ନୂଆଦିଲ୍ଲୀସ୍ଥିତ National Board of Examinations in Medical Science ପକ୍ଷରୁ କୋରାପୁଟ ସହିଦ ଲକ୍ଷ୍ମଣ ନାଏକ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ ପ୍ରସୂତୀ ଓ ସ୍ତ୍ରୀ ରୋଗ ବିଭାଗରେ ୪ଟି ଆସନକୁ ସ୍ୱୀକୃତି ପ୍ରଦାନ କରାଯାଇଛି । ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁରୋଗ ବିଭାଗରେ ୨ଟି ଏମ୍.ବି.ବି.ଏସ୍. ଡିପ୍ଲୋମା ଆସନକୁ ମଧ୍ୟ ସ୍ୱୀକୃତି ମିଳିଥିବା ଜଣାପଡ଼ିଛି । ଏହାଦ୍ୱାରା କେ.ବି.କେ. ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଘଟିବ ବୋଲି କୁହାଯାଇଛି ।

***Desk***

## ଗ୍ରୀଷ୍ମଛୁଟି

ରାଜ୍ୟରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଶିକ୍ଷାନୁଷ୍ଠାନଗୁଡ଼ିକର ଖରାଛୁଟି ଅବଧି ବୃଦ୍ଧି ନିଷ୍ପତ୍ତି ନିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ

ଗଣ୍ଡ କହିଛନ୍ତି । ଆସନ୍ତା ୧୮ ତାରିଖରୁ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲାଯିବାକୁ ଥିବାବେଳେ ତାପମାତ୍ରା ଆକଳନ କରାଯାଇ ଗ୍ରୀଷ୍ମଛୁଟି ଅବଧି ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି । ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ଇତିମଧ୍ୟରେ ୯୦ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଇଥିବାବେଳେ ଛୁଟି ଖୋଲିବା ପୂର୍ବରୁ ଏହି କାର୍ଯ୍ୟ ଶେଷ କରାଯିବ ।

***Desk***

# ଏସ୍.ଆଇ.ଆର୍.

ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ୭ ଦିନ ପୂରଣ ହୋଇଥିବାବେଳେ ୧ କୋଟି ୪୫ ଲକ୍ଷ ୧୮ ହଜାର ୨୧୨ ଜଣଙ୍କୁ ପରିଗଣନା ଫର୍ମ ପ୍ରଦାନ ଓ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମୋଟ୍ ୩ କୋଟି ୩୩ ଲକ୍ଷ ୯୯ ହଜାର ୫୯୧ ଜଣ ଭୋଟରଙ୍କ ମଧ୍ୟରୁ ୪୩ ଦଶମିକ ୪/୭ ପ୍ରତିଶତ ମତଦାତା ଏହି ପ୍ରକ୍ରିୟାରେ ସାମିଲ୍ ହୋଇସାରିଛନ୍ତି । ୪୫ ହଜାର ୨୫୫ ଜଣ ବୁଥ୍‌ସ୍ତରୀୟ ଅଧିକାରୀ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ହୋଇଥିବାବେଳେ ଆସନ୍ତା ୨୮ ତାରିଖ ପୂର୍ବରୁ ପରିଗଣନା ଫର୍ମ ବଣ୍ଟନପାଇଁ ଉଦ୍ୟମ ଜାରି ରହିଛି ।

*Desk*

# ବସ୍ ଧର୍ମଘଟ ସ୍ଥଗିତ

ବସ୍‌ଭଡ଼ା ବୃଦ୍ଧି ସମେତ ଅନ୍ୟାନ୍ୟ ଦାବି ନେଇ ଆସନ୍ତା ୧୦ ତାରିଖରେ ପ୍ରସ୍ତାବିତ ବସ୍ ଧର୍ମଘଟକୁ ସ୍ଥଗିତ ରଖାଯାଇଛି । ଗତକାଲି ରାଜ୍ୟ ପରିବହନ ସଚିବ ଅମିତାଭ୍ ଠାକୁରଙ୍କ ସହ ଘରୋଇ ବସ୍ ମାଲିକ ସଂଘର ଆଲୋଚନା ପରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ବସ୍ ଧର୍ମଘଟ ନ କରିବା ଲାଗି ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି । ସଂଘ ପକ୍ଷରୁ ବସ୍‌ଭଡ଼ା ବୃଦ୍ଧି କ୍ଷେତ୍ରରେ ସ୍ୱୟଂକ୍ରିୟ ବ୍ୟବସ୍ଥା ଲାଗୁ କରିବା ଲାଗି ଦାବି କରାଯାଉଛି ।

*Puri/R*

# ଜାତୀୟ ଲୋକମେଳା

ପୁରୀ ବେଳାଭୂମିରେ ଆୟୋଜିତ ୨୪ତମ ଜାତୀୟ ଲୋକମେଳା ଓ ୧୭ତମ ଜାତୀୟ କୃଷିମେଳା ଶେଷ ହୋଇଛି । ଉଦ୍‌ଯାପନୀ ସମାରୋହରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ମେଳା ଭାରତର ଲୋକ, ଜନଜାତି ଓ କୃଷି ପରମ୍ପରାର ଅଦ୍ୱିତୀୟ ସମାଗମ ବୋଲି କହିଥିଲେ । ଏହି ଅବସରରେ ବିଭିନ୍ନ ରାଜ୍ୟର କଳାକାରମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ ।

***PIB***

## ପି.ଆଇ.ବି. - କର୍ମଶାଳା

ଭୁବନେଶ୍ୱର ପତ୍ର ସୂଚନା କାର୍ଯ୍ୟାଳୟ - ପି.ଆଇ.ବି. ପକ୍ଷରୁ ଆୟୋଜିତ କର୍ମଶାଳାରେ ପ୍ରଭାବଶାଳୀ ଗଣ ଯୋଗାଯୋଗ ଏବଂ ବିକାଶମୂଳକ ପ୍ରଚାର ପ୍ରସାର ଉପରେ ଆଲୋଚନା ହୋଇଛି । ପି.ଆଇ.ବି. ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ ଡକ୍ଟର ମୃଣାଳିନୀ ଦର୍ଶଓ୍ୱାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରମୁଖ ସରକାରୀ ଯୋଜନାଗୁଡ଼ିକର ପ୍ରଭାବ ଉପରେ ଆଲୋଚନା କରିଥିଲେ । ହିତାଧିକାରୀମାନଙ୍କୁ ପ୍ରାଥମିକତା ଦେବା ଲାଗି ସରକାରଙ୍କ ଆଭିମୁଖ୍ୟ ଓ ତୃଣମୂଳ ସ୍ତରରେ ସେବା ପ୍ରଦାନକୁ ସୁଦୃଢ଼ କରିବାପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାରର ଗୁରୁତ୍ୱ ରହିଛି ବୋଲି ସେ କହିଥିଲେ ।

***Ganjam/R***

## ଛତ୍ରପୁର ମହୋତ୍ସବ

ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଛତ୍ରପୁର ମହୋତ୍ସବ ଉଦ୍‌ଯାପିତ ହୋଇଛି । ମୁଖ୍ୟ ଅତିଥି ଭାବେ ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ ପଲ୍ଲୀଶ୍ରୀମେଳା, ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ

ମେଳା ବୁଲି ଦେଖିବା ସହ ଉତ୍ପାଦକ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ ।

***Sambalpur/R***

## ଗାଁ ଆମ୍ବ ପସରା ମହୋତ୍ସବ

ସମ୍ବଲପୁର ପ୍ରଶାସନ ଏବଂ ଓର୍ମାସ୍‌ର ମିଳିତ ସହଯୋଗରେ 'ଗାଁ ଆମ୍ବ ପସରା' ମହୋତ୍ସବ ସମ୍ବଲପୁରରେ ଆରମ୍ଭ ହୋଇଛି । ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ସଠିକ୍ ମୂଲ୍ୟ ପ୍ରଦାନ କରିବା ଏବଂ ଲୋକମାନଙ୍କୁ ସ୍ୱଚ୍ଛ ଓ ରସାୟନମୁକ୍ତ ଜୈବିକ ଆମ୍ବ ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ସମାରୋହର ଆୟୋଜନ କରାଯାଇଛି । ୧୯ଟି ସ୍ୱତନ୍ତ୍ର ଷ୍ଟଲ୍‌ରେ ୧୪ ଜଣ ଚାଷୀ ଓ ୪ଟି ଚାଷୀ ଉତ୍ପାଦକ ସଙ୍ଗଠନ ଆମ୍ବ ପସରା ଖୋଲିଛନ୍ତି । ଏହି ମହୋତ୍ସବ ଆସନ୍ତା ୧୧ ତାରିଖରେ ଶେଷ ହେବ ।

***Malkangiri/R***

## ପଲିଟେକ୍‌ନିକ - ନିଯୁକ୍ତି

ମାଲକାନଗିରି ସରକାରୀ ପଲିଟେକ୍‌ନିକ୍‌ର ୯୭ ଜଣ ଛାତ୍ରଛାତ୍ରୀ ଟାଟା ଇଲେକ୍ଟ୍ରୋନିକ୍ସ ସମେତ ବିଭିନ୍ ପ୍ରତିଷ୍ଠିତ କମ୍ପାନୀରେ ନିଯୁକ୍ତିପାଇଁ ମନୋନୀତ ହୋଇଛନ୍ତି । ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ଏବଂ କଟକସ୍ଥିତ କେନ୍ଦ୍ରୀୟ ପ୍ଲେସ୍‌ମେଣ୍ଟ ସେଲ୍ ସହଯୋଗରେ ଅନୁଷ୍ଠିତ କ୍ୟାମ୍ପସ୍

ସିଲେକ୍ସନ୍ ଜରିଆରେ ଅନୁଷ୍ଠିତ ପ୍ଲେସ୍‌ମେଣ୍ଟ୍ ଡ୍ରାଇଭ୍‌ରେ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି ମିଳିଥିବା ଜଣାପଡ଼ିଛି ।

*Ganjam/R*

## ଠାକୁରାଣୀ ଯାତ୍ରା

ଗଞ୍ଜାମ ଜିଲ୍ଲା ଛତ୍ରପୁରର ମା' ରାମାୟାଣାମ୍ମାଙ୍କ ୩୩ ଦିନ ବ୍ୟାପୀ ଦ୍ୱିବାର୍ଷିକ ଯାତ୍ରା ଉଦ୍‌ଯାପିତ ହୋଇଛି । ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଅସ୍ଥାୟୀ ମଣ୍ଡପରୁ ମା'ଙ୍କ ଘଟ ଯାଇ ନିଜସ୍ୱ ମନ୍ଦିରରେ ବିଜେ କରିଛନ୍ତି । ଏହି ଯାତ୍ରାରେ ୨ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

*Desk*

## ପାଣିପାଗ

ରାଜ୍ୟର ଉପକୂଳ ଅଞ୍ଚଳରେ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସିବା ପର୍ଯ୍ୟନ୍ତ ଗୁଳୁଗୁଳି ଲାଗି ରହିବ । ଗତକାଲି ବୌଦ୍ଧରେ ସର୍ବାଧିକ ତାପମାତ୍ରା ୪୧ ଦଶମିକ ୭ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଥିବାବେଳେ ୧୩ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା । ଆସନ୍ତା ୨୪ ଘଣ୍ଟା

ମଧ୍ୟରେ କାଳବୈଶାଖୀ ଓ ଝଡ଼ବର୍ଷା ନେଇ ୨୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଥିବାବେଳେ ପ୍ରାୟତଃ ସମସ୍ତ ଜିଲ୍ଲାରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି ।

*****